# NATIONAL NEWS BULLETIN (ODIA)

**10 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୫ଟି ରାଷ୍ଟ୍ର ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ ।

- ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ରାଷ୍ଟ୍ରମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ମୋଦୀ ।

- ଝାଡ଼ଖଣ୍ଡ ରାଞ୍ଚିରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହେଲା ୨୭ତମ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ ।

- ଅଣ ବ୍ୟାଂକିଙ୍ଗ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକ ଋଣ ଆଦାୟ କ୍ଷେତ୍ରରେ ନିରପେକ୍ଷ ଓ ସହନଶୀଳ ହେବାକୁ ଅର୍ଥମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ଗୁଜୁରାଟ ପୋଲ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି ।

ଏବଂ

- ଲର୍ଡ୍‌ସରେ ଆଉ କିଛି ସମୟ ପରେ ଆରମ୍ଭ ହେବ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ।

# ପିଏମ୍ ରିଟର୍ଣ୍ଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫ଟି ରାଷ୍ଟ୍ର ଘାନା, ତ୍ରିନିଦାଦ ଏବଂ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ ଓ ନାମ୍ବିଆ ଗସ୍ତ ପରେ ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ରାଷ୍ଟ୍ର ମୁଖ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀ ମୋଦୀ ରିଓଡି ଜେନେରିଓରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ମଧ୍ୟ ଯୋଗ ଦେଇଥିଲେ ।

ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ନାମ୍ବିଆରେ ଉଦ୍ୟୋଗ ବିକାଶ କେନ୍ଦ୍ର ସ୍ଥାପନ ଏବଂ ସ୍ୱାସ୍ଥ୍ୟ ଓ ଔଷଧ କ୍ଷେତ୍ରରେ ସହଯୋଗ ଲାଗି ୨ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଚଳିତ ବର୍ଷ ଶେଷ ଆଡ଼କୁ ନାମ୍ବିଆରେ ଡିଜିଟାଲ୍ ଦେୟ ବ୍ୟବସ୍ଥା ଆରମ୍ଭ କରିବା ଏବଂ ଭାରତଦ୍ୱାରା ନେତୃତ୍ୱାଧୀନ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଓ ବିଶ୍ୱ ଜୈବ ଇନ୍ଧନ ମେଣ୍ଟରେ ନାମିବିୟାର ଭାଗିଦାରିତା ନେଇ ମଧ୍ୟ ଘୋଷଣା କରାଯାଇଛି ।

ଏହି ଗସ୍ତ ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଦାମୁ ରବି କହିଛନ୍ତି, ଗତକାଲି ୱିଣ୍ଡ୍‌ହୋକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦି ଏବଂ ନାମିବିୟାର ରାଷ୍ଟ୍ରପତି ନେତୁମ୍ବୋ ନନ୍ଦି ନଦୈତ୍ୱା'ଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଥିଲା । ଏଥିରେ ଖଣିଜ ପଦାର୍ଥ, ହାଇଡ୍ରୋ କାର୍ବନ୍, ପ୍ରତିରକ୍ଷା ସହଯୋଗ, ସ୍ୱାସ୍ଥ୍ୟ ସହଭାଗିତା, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ପରିବେଶ ଏବଂ କ୍ଷମତା ନିର୍ମାଣ କ୍ଷେତ୍ରରେ ସହଯୋଗ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଶ୍ରୀ ରବି କହିଛନ୍ତି, ନାମିବିୟା ହେଉଛି

ବିଶ୍ୱର ପ୍ରଥମ ଦେଶ, ଯେଉଁଠାରେ ୟୁ.ପି.ଆଇ. ଭଳି ଦେୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ୍ ସହିତ ଚୁକ୍ତି କରାଯାଇଛି । ଉଭୟ ନେତା ଆତଙ୍କବାଦର ଦୃଢ଼ ନିନ୍ଦା କରିବା ସହ ବହୁପକ୍ଷୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି ।

***Voice (Damu Ravi)*** :.......

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମିବିୟା ଗସ୍ତ ତାଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ଏବଂ ଭାରତ-ନାମିବିୟା ସମ୍ପର୍କରେ ଐତିହାସିକ ମୁହୂର୍ତ୍ତକୁ ସୂଚାଉଛି । ପ୍ରାୟ ୩ ଦଶନ୍ଧି ପରେ ପ୍ରଧାନମନ୍ତ୍ରୀ ସମ୍ପଦସମୃଦ୍ଧ ଦକ୍ଷିଣ ଆଫ୍ରିକା ଦେଶଗୁଡ଼ିକ ଗସ୍ତ କରିଥିଲେ । ଗସ୍ତକାଳରେ ସ୍ୱାସ୍ଥ୍ୟସେବା, ଡିଜିଟାଲ୍ ଭିତ୍ତିଭୂମି ଏବଂ କ୍ଷମତା ସୁଦୃଢ଼ୀକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ ହୋଇଛି । ଆଫ୍ରିକା ସହିତ ଭାରତର ସମ୍ପର୍କକୁ ଆହୁରି ଦୃଢ଼ କରିବା କ୍ଷେତ୍ରରେ ଏବଂ ନାମିବିୟାର ସାମଗ୍ରିକ ବିକାଶ କ୍ଷେତ୍ରରେ ଭାଗିଦାରିତା ଭାରତର ପ୍ରତିବଦ୍ଧତାକୁ ଦୃଢ଼ କରିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୱିଣ୍ଡ୍‌ହୋକ୍‌ରେ ପହଞ୍ଚିବା ପରେ ତାଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିବା ସହ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ବିଦେଶରେ ଭାରତୀୟ ସଂସ୍କୃତିର ସଂରକ୍ଷଣ କରିବାରେ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୱିଣ୍ଡ୍‌ହୋକ୍‌ରେ ରହଣି ସମୟରେ ନାମିବିୟାର ପ୍ରତିଷ୍ଠାତା ସାମ୍ ନୁଜୋମା'ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭାରତ-ନାମିବିୟା ସମ୍ପର୍କକୁ ସୁଦୃଢ଼ କରିବା କ୍ଷେତ୍ରରେ ସ୍ୱୀକୃତି ପ୍ରଦାନପୂର୍ବକ ଶ୍ରୀ ମୋଦିଙ୍କୁ ନାମିବିୟାର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିଲା ।

..............................................................................................

## ଇଡି-ଆକ୍ଟର୍ସ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବେଆଇନ ଭାବେ ଅନ୍‌ଲାଇନ୍ ଜୁଆ ଖେଳ-ବେଟିଂ ଆପ୍‌କୁ ପ୍ରୋତ୍ସାହିତ କରିବା ଅଭିଯୋଗରେ ୨୯ଜଣ ଅଭିନେତା ଏବଂ ୟୁ-ଟ୍ୟୁବରଙ୍କ ବିରୋଧରେ ଅର୍ଥ ଠକେଇ ମାମଲା ରୁଜୁ କରିଛି । ଚଳଚ୍ଚିତ୍ର ଅଭିନେତା ବିଜୟ ଦେବରକୋଣ୍ଡା, ରାଣା ଦଗୁବତୀ, ପ୍ରକାଶରାଜ୍, ନିଧି ଅଗ୍ରୱାଲ ଏବଂ ପ୍ରଣୀଥା ସୁବାସଙ୍କ ବିରୋଧରେ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ୫ଟି ଏତଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ସମ୍ପୃକ୍ତ ବ୍ୟକ୍ତିବିଶେଷମାନେ ଜଙ୍ଗଲୀ ରମି, ଏ-୨୩, ଜିତ୍ ୱିନ୍, ପରିମାଚ୍ ଏବଂ ଲୋଟସ-୩୬୫ ଭଳି ବେଟିଂ ଆପ୍‌କୁ ପ୍ରୋତ୍ସାହିତ କରିବା ଏବଂ ବେଆଇନ୍ ଆୟ କରିବା ଭଳି ଇଡି ଅଭିଯୋଗ କରିଛି ।

---

## ଝାଡଖଣ୍ଡ - ଇଜେଡ୍‌ସି ମିଟିଂ

ଝାଡ଼ଖଣ୍ଡର ରାଞ୍ଚିରେ ଆଜି ୨୭ତମ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରୁଛନ୍ତି । ଏହି ବୈଠକର ଲକ୍ଷ୍ୟ ହେଉଛି ଦେଶର ପୂର୍ବଭାଗ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିକାଶମୂଳକ ପଦକ୍ଷେପ ଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ମନ୍ତ୍ରୀ ବିଜୟ ଚୌଧୁରୀ ବୈଠକରେ ଯୋଗ ଦେଇଛନ୍ତି । ବୈଠକ ଆରମ୍ଭରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ । ଏହି ରୁଦ୍ଧଦ୍ୱାର ବୈଠକରେ

ପୂର୍ବାଞ୍ଚଳ ରାଜ୍ୟ ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ୭୦ଜଣ ପ୍ରତିନିଧି ଯୋଗଦେଉଛନ୍ତି ।

ବୈଠକରେ ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ବିଚାରାଧୀନ ଆନ୍ତଃରାଜ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପୂର୍ବରୁ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ସମୀକ୍ଷା କରାଯିବ । ଏହି ବୈଠକପାଇଁ ୨୦ଟିରୁ ଅଧିକ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ।

---

## ସୀତାରମଣ-ଏନ୍‌ବିଏଫ୍‌ସି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଣବ୍ୟାଙ୍କିଂ ଆର୍ଥିକ କମ୍ପାନୀ ଗୁଡ଼ିକ ଦ୍ୱାରା ଋଣ ଆଦାୟ ପ୍ରକ୍ରିୟା ନିରପେକ୍ଷ, ସହନଶୀଳ ଏବଂ ସମ୍ମାନଜନକ ଭାବରେ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଅଣ ବ୍ୟାଙ୍କିଂ ଆର୍ଥିକ କମ୍ପାନୀ ଗୁଡ଼ିକର ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି ଋଣ ଆଦାୟ କ୍ଷେତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ନିୟମର ଅନୁପାଳନ ସୁନିଶ୍ଚିତ କରାଯିବା ଉଚିତ୍ । ସେ କହିଛନ୍ତି ଆର୍ଥିକ ଅର୍ନ୍ତଭୁକ୍ତି ଆଳରେ ଆର୍ଥିକ ଶୋଷଣକୁ ଗ୍ରହଣ କରାଯାଇପାରିବ ନାହିଁ । ଋଣ ପ୍ରଦାନ କ୍ଷେତ୍ରରେ ଗ୍ରାହକମାନଙ୍କର ପ୍ରକୃତ ଆବଶ୍ୟକତା ଏବଂ ପରିଶୋଧ କ୍ଷମତାକୁ ବିଚାରକୁ ନିଆଯିବା ଆବଶ୍ୟକ । ସେ କହିଛନ୍ତି ଋଣକୁ ବ୍ୟକ୍ତିବିଶେଷଙ୍କ ଉପରେ ଜୋର୍ ଜବରଦସ୍ତି ଲଦି ଦିଆଯିବା ଉଚିତ୍ ନୁହେଁ ଏବଂ ସୁଧହାର ମଧ୍ୟ ଯୁକ୍ତିଯୁକ୍ତ ହେବା ଆବଶ୍ୟକ ।

ସେ କହିଛନ୍ତି ଗ୍ରାହକ ସୁରକ୍ଷାକୁ ସବୁ ସମୟରେ ଅଣ ବ୍ୟାଙ୍କିଂ ସଂସ୍ଥାନ ଗୁଡ଼ିକ ଅଗ୍ରାଧିକାର ଦେବା ଆବଶ୍ୟକ ।

## ଜେକେ-ଅମରନାଥ

ଜାମ୍ମୁର ଭଗବତୀ ନଗର ମୂଳ ଶିବିରରୁ ଆଜି ସକାଳେ ୭ହଜାର ୩୦୦ରୁ ଅଧିକ ତୀର୍ଥଯାତ୍ରୀ ଅମରନାଥ ଗୁମ୍ଫା ଅଭିମୁଖେ ଯାତ୍ରା କରିବା ଲାଗି କାଶ୍ମୀର ଯାଉଛନ୍ତି । ତୀର୍ଥଯାତ୍ରୀମାନଙ୍କୁ ୨୮୪ଟି ଗାଡ଼ିରେ ମୂଳ ଶିବିରରୁ ନିଆଯାଉଛି । ସୂଚନା ମୁତାବକ ଦକ୍ଷିଣ କାଶ୍ମୀର ହିମାଳୟରେ ଗତକାଲି ୧୭ହଜାର ତୀର୍ଥଯାତ୍ରୀ ଅମରନାଥ ଗୁମ୍ଫା ଦର୍ଶନ କରିଛନ୍ତି । ଚଳିତବର୍ଷ ଆଜିସୁଦ୍ଧା ପବିତ୍ର ଅମରନାଥ ଗୁମ୍ଫା ଦର୍ଶନ କରିଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ୧ଲକ୍ଷ ୨୮ହଜାରରେ ପହଞ୍ଚିଛି ।

## ଗୁଜୁରାଟ ବ୍ରିଜ୍ କୋଲାପ୍ସ

ଗୁଜୁରାଟର ଭଦୋଦରା ଜିଲ୍ଲାରେ ନଦୀ ଉପରେ ଏକ ପୋଲ ଭୁଶୁଡି ପଡିବା ଘଟଣାରେ ଆଉ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଫଳରେ ମୃତକଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ଗତକାଲି ପାଦ୍ରା ସହର ନିକଟବର୍ତ୍ତୀ ଗମ୍ଭୀରା ଗ୍ରାମ ନିକଟରେ ମହିସାଗର ନଦୀ ଉପରେ ଥିବା ୪୦ବର୍ଷ ପୁରୁଣା ପୋଲର ଏକ ଅଂଶ ହଠାତ୍ ଭୁଶୁଡି ପଡ଼ିବା ପରେ ଅନେକଗୁଡ଼ିଏ ଗାଡ଼ି ପାଣିମଧ୍ୟକୁ ଖସି ପଡିଥିଲା । ଗତକାଲି ଉଦ୍ଧାରକାର୍ଯ୍ୟ ସମୟରେ ୯ଟି ମୃତଦେହ ଉଦ୍ଧାର କରାଯାଇଥିଲା । ଆଜି ମଧ୍ୟ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଏହି ଘଟଣାର ତଦନ୍ତ ଲାଗି ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ନିର୍ଦ୍ଦେଶ ଦେଇଛନ୍ତି ।

## ଇଡି-ବେଙ୍ଗାଲୁରୁ

କର୍ଣ୍ଣାଟକ ବିଧାୟକ ଏସ୍.ଏନ୍. ସୁବାରେଡ୍ଡୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଅଘୋଷିତ ବିଦେଶୀ ସମ୍ପତ୍ତି ସମ୍ପର୍କରେ ଅଭିଯୋଗ ମିଳିବା ପରେ ପ୍ରବର୍ତ୍ତନ

ନିର୍ଦ୍ଦେଶାଳୟ ଇଡି ବେଙ୍ଗାଲୁରୁର ୫ଟି ସ୍ଥାନରେ ତଲାସୀ ଅଭିଯାନ ଆରମ୍ଭ କରିଛି । ଶ୍ରୀ ସୁବାରେଡ୍ଡୀଙ୍କ ବାସସ୍ଥାନ ଏବଂ ବ୍ୟବସାୟିକ ସଂସ୍ଥା ତଥା ତାଙ୍କ ସହଯୋଗୀମାନଙ୍କ ବାସଗୃହ ଓ ସଂସ୍ଥାଗୁଡ଼ିକ ଉପରେ ଇଡି ପକ୍ଷରୁ ଚଢ଼ଉ କରାଯାଉଛି । ବିଦେଶରେ ବିଭିନ୍ନ ଆକାଉଣ୍ଟରେ ଅର୍ଥ ରଖିବା, ଯାନବାହନରେ ନିବେଶ କରିବା ଏବଂ ମାଲେସିଆ, ହଂକଂ ଓ ଜର୍ମାନ ସମେତ ଅନେକ ଦେଶରେ ଅସ୍ଥାବର ସମ୍ପତ୍ତି ରହିଥିବା ଅଭିଯୋଗ ହୋଇଛି ।

## ୟୁଏସ୍-ଫ୍ଲଡ୍ସ

ଆମେରିକାର ଟେକ୍ସାସରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୧୨୦କୁ ବୃଦ୍ଧି ପାଇଛି । କେବଳ କେର୍ କାଉଣ୍ଟି ଅଞ୍ଚଳରେ ଦେଢ଼ଶହରୁ ଅଧିକ ଲୋକ ନିଖୋଜ ଥିବା ସୂଚନା ମିଳିଛି । ଟେକ୍ସାସ୍‌ରେ ଚାଲିଥିବା ଉଦ୍ଧାରକାର୍ଯ୍ୟରେ ସହାୟତା ପାଇଁ ନାସା ପକ୍ଷରୁ ୨ଟି ବିମାନ ନିୟୋଜିତ କରାଯାଇଛି । ସୂଚନା ଅନୁଯାୟୀ ଏହି ବିମାନଗୁଡ଼ିକ ନାସାର ବିପର୍ଯ୍ୟୟ ପରିଚାଳନା ସମନ୍ୱୟ ପ୍ରଣାଳୀର ଅଂଶ ଭାବରେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଅନ୍ୟପକ୍ଷରେ ନିଉ ମେକ୍ସିକୋରେ ପ୍ରବଳ ବର୍ଷା ଯୋଗୁଁ ଅଚାନକ ବନ୍ୟା ହେବାରୁ ୩ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି । ଏହି ବର୍ଷା ଯୋଗୁଁ ହଠାତ୍ ୨୦ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଫଳରେ କେତେକ ବାସଗୃହ ମଧ୍ୟ ଭାସିଯାଇଥିବା ଜଣାପଡିଛି ।

## ବ୍ରାଜିଲ୍ ପ୍ରେଜ୍ ଅନ୍ ଟ୍ରମ୍ପ

ବ୍ରାଜିଲରେ ତିଆରି ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଦା ସିଲ୍‌ଭା ଯେକୌଣସି ପ୍ରକାରର ବିଦେଶୀ

ନିୟନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ନୂଆ ଶୁଳ୍କ ଲାଗୁ ସମ୍ପର୍କିତ ପତ୍ରରେ ଡୋନାଲ୍ଡ ଟ୍ରମ୍ପ ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତିଙ୍କୁ ୨୦୨୨ ନିର୍ବାଚନରେ ତାଙ୍କ ଭୂମିକାକୁ ନେଇ ଆଲୋଚନା କରିଛନ୍ତି । ବ୍ରାଜିଲର ସାର୍ବଭୌମତ୍ୱକୁ ଗୁରୁତ୍ୱ ଦେଇ ଏବେର ରାଷ୍ଟ୍ରପତି ଲୁଲା ଦା ସିଲ୍‌ଭା କହିଛନ୍ତି ବିଦ୍ରୋହରେ ସମ୍ପୃକ୍ତ କୌଣସି ଲୋକଙ୍କ ବିରୁଦ୍ଧରେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବ୍ରାଜିଲର ଅଧିକାର ଏବଂ ଏଥିରେ କୌଣସି ବାହ୍ୟ ହସ୍ତକ୍ଷେପକୁ ଅନୁମତି ଦିଆଯିବ ନାହିଁ ।

ଡିଜିଟାଲ ପ୍ଲାଟଫର୍ମ ସମ୍ପର୍କରେ ରାଷ୍ଟ୍ରପତି ସିଲ୍‌ଭା କହିଛନ୍ତି ବ୍ରାଜିଲ ଦେଶ ଭିତରେ ଉଭୟ ଦେଶ ଭିତର ଏବଂ ଦେଶ ବାହାର କମ୍ପାନୀ ଗୁଡ଼ିକୁ ବ୍ରାଜିଲର ଆଇନ୍ ପାଳନ କରିବାକୁ ପଡିବ । ସେ ଆମେରିକାର ବାଣିଜ୍ୟ ନିଅଣ୍ଟ ଦାବିକୁ ଭୁଲ୍ ବୋଲି କହିବା ସହ ଯେକୌଣସି ଏକପାକ୍ଷିଆ ଶୁଳ୍କ ବୃଦ୍ଧିକୁ ବ୍ରାଜିଲର ଅର୍ଥନୈତିକ ଆଇନ୍ ଅନୁଯାୟୀ ସମାଧାନ କରାଯିବ ବୋଲି କହିଛନ୍ତି ।

## କ୍ରିକେଟ୍-ଇଣ୍ଡିଆ ଇଂଲଣ୍ଡ

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟରେ ଆଜି ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ମିନିଟ୍‌ରେ ଲର୍ଡ଼୍‌ସଠାରେ ମ୍ୟାଚ୍ ଖେଳାଯିବ । ବର୍ମିଂହାମ୍ ମ୍ୟାଚ୍‌ରେ ବିଶ୍ରାମ ନେବା ପରେ ଯଶପ୍ରୀତ୍ ବୁମ୍‌ରା ଆଜିର ମ୍ୟାଚ୍‌ରେ ସାମିଲ ହେବେ । ଅନ୍ୟପକ୍ଷରେ ଇଂଲଣ୍ଡ ଟିମ୍‌ରେ ୪ବର୍ଷ ପରେ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ସାମିଲ ହୋଇଛନ୍ତି । ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ସମାନ ସ୍ଥିତିରେ ରହିଛି । ଲିଡ୍‌ସ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୫ଓ୍ୱିକେଟ୍‌ରେ ଜିତିଥିବାବେଳେ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୩୩୬ରନ୍‌ରେ ବିଜୟ ହାସଲ କରିଛି । ସୂଚନାଯୋଗ୍ୟ ୧୯୮୬ମସିହା,

୨୦୧୪ମସିହା ଏବଂ ୨୦୨୧ ମସିହାରେ ଭାରତ ଲର୍ଡସ୍ କ୍ରିକେଟ ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ ଜିତିଥିବାବେଳେ ଏହି ମ୍ୟାଚ ଜିତିବା ନେଇ ଆଶା କରାଯାଉଛି ।